# REGIONAL NEWS UNIT, AIR CUTTACK

## Evening Bulletin (6.45 PM)

**15 September - 2024**

**News Editor : Itishree Singh Rathaur**

*************************************

## ମୁଖ୍ୟ ସମ୍ବାଦ

- ଓଡ଼ିଶାର ୨ଟି ସମେତ ୬ଟି ବନ୍ଦେ ଭାରତ ଏକ୍ସପ୍ରେସ୍ ଟ୍ରେନ୍‌ର ଶୁଭାରମ୍ଭ କଲେ ପ୍ରଧାନମନ୍ତ୍ରୀ

— ଏହି ନୂତନ ଟ୍ରେନ୍ ରାଜ୍ୟର ପର୍ଯ୍ୟଟନ ବିକାଶ ସହ ଆର୍ଥିକ ଅଭିବୃଦ୍ଧିରେ ସହାୟକ ହେବ; କହିଲେ, ମୁଖ୍ୟମନ୍ତ୍ରୀ

- ସୁଭଦ୍ରା ଯୋଜନା ସମ୍ପର୍କରେ ସଚେତନତା ସୃଷ୍ଟି ପାଇଁ ବିଭିନ୍ନ ସ୍ଥାନରେ ପଦଯାତ୍ରା ଅନୁଷ୍ଠିତ

- କଟକ ସହରରେ ଚାଲିଛି ପ୍ରଥମ ପର୍ଯ୍ୟାୟ ଗଣେଶ ମୂର୍ତ୍ତି ଭସାଣି; ସୁରକ୍ଷା ବ୍ୟବସ୍ଥା କଡାକଡି

ଏବଂ

- ଗଭୀର ଅବପାତ ପ୍ରଭାବରେ ରାଜ୍ୟର ବିଭିନ୍ନ ସ୍ଥାନରେ ବର୍ଷା; ଅତିପ୍ରବଳ ବର୍ଷା ହେବା ନେଇ ୩ଟି ଜିଲ୍ଲାକୁ ସତର୍କ ସୂଚନା

# ପିଏମ୍-ବନ୍ଦେ ଭାରତ ଏକ୍ସପ୍ରେସ୍

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆଜି ଝାରଖଣ୍ଡର ଟାଟାନଗରରୁ ଓଡ଼ିଶାର ୨ଟି ବନ୍ଦେ ଭାରତ ଏକ୍ସପ୍ରେସ୍ ସମେତ ମୋଟ୍ ୬ଟି ବନ୍ଦେ ଭାରତ ଏକ୍ସପ୍ରେସ୍ ଟ୍ରେନ୍‌ର ଶୁଭାରମ୍ଭ କରିଛନ୍ତି। ବ୍ରହ୍ମପୁର-ଟାଟାନଗର, ରାଉରକେଲା-ହାଓ୍ୱାଡ଼ା-ଟାଟାନଗର, ବାରଣାସୀ-ଦେଓଘର, ଟାଟାନଗର-ପଟନା, ହାଓ୍ୱଡ଼ା-ଧନବାଦ-ଗୟା, ହାଓ୍ୱଡ଼ା-ଡୁମ୍‌କା-ଭାଗଲପୁର ଟ୍ରେନ୍‌ର ଶୁଭାରମ୍ଭ ପ୍ରଧାନମନ୍ତ୍ରୀ ଆଭାସୀ ମାଧ୍ୟମରେ କରିଛନ୍ତି। ଏହି ଅବସରରେ ରାଜ୍ୟପାଳ ରଘୁବର ଦାସ ରାଉରକେଲାରେ ଆୟୋଜିତ କାର୍ଯ୍ୟକ୍ରମରେ ଯୋଗଦେଇଛନ୍ତି। ସାମାଜିକ ଗଣମାଧ୍ୟମରେ ସେ ଏହି ପଦକ୍ଷେପ ପାଇଁ ପ୍ରଧାନମନ୍ତ୍ରୀ ଓ ରେଳମନ୍ତ୍ରୀଙ୍କୁ ଧନ୍ୟବାଦ ଜଣାଇଛନ୍ତି। ରାଜ୍ୟପାଳ କହିଛନ୍ତି, ଚଳିତ ଶତାବ୍ଦୀରେ ସଂଯୋଗୀକରଣ ବ୍ୟବସ୍ଥା ଦେଶ ପ୍ରଗତୀର ଆଧାର ହେବ। ନୂତନ ବନ୍ଦେ ଭାରତ ଆରମ୍ଭ ହେବା ପରେ ରାଜ୍ୟରେ ବିକାଶର ନୂଆ କ୍ରାନ୍ତି ଆସିଛି।

ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ବ୍ରହ୍ମପୁର ରେଳଷ୍ଟେସନଠାରେ ଉଦ୍‌ଘାଟନ କାର୍ଯ୍ୟକ୍ରମରେ ଯୋଗଦେଇ କହିଛନ୍ତି, ଓଡ଼ିଶାରେ ରେଳ ଭିତ୍ତିଭୂମିର ବିକାଶ ପାଇଁ କେନ୍ଦ୍ର ସରକାର ୧ ଲକ୍ଷ କୋଟି ଟଙ୍କା ମୂଲ୍ୟର ନୂତନ ରେଳ ପ୍ରକଳ୍ପ ଯୋଜନା କରିଛନ୍ତି। ବର୍ତ୍ତମାନ ପର୍ଯ୍ୟନ୍ତ ରାଜ୍ୟ ପାଇଁ ୭୦ ହଜାର କୋଟି ଟଙ୍କାରୁ ଅଧିକ ରେଳ ପ୍ରକଳ୍ପକୁ ଅନୁମୋଦନ ମିଳିଛି। ସେହିଭଳି ରାଜ୍ୟରେ ୮ଟି ନୂତନ ରେଳପଥ ନିର୍ମାଣ ପାଇଁ ମଞ୍ଜୁରୀ ମିଳିଛି ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ନୂତନ ବନ୍ଦେ ଭାରତ ଏକ୍ସପ୍ରେସ୍ ବିଷୟରେ

ମୁଖ୍ୟମନ୍ତ୍ରୀ କହିଛନ୍ତି, ଏହାଯୋଗୁଁ ରାଜ୍ୟରେ ପର୍ଯ୍ୟଟନର ବିକାଶ ହେବା ସହ ବାଣିଜ୍ୟ କ୍ଷେତ୍ରରେ ଅଭିବୃଦ୍ଧି ଆସିବ। ବିଶେଷକରି ଆଦିବାସୀବହୁଳ ଅଂଚଳରେ ଯୋଗାଯୋଗର ବିକାଶ ହେବ। ଏହି ଅବସରରେ ମୁଖ୍ୟମନ୍ତ୍ରୀ ବ୍ରହ୍ମପୁରରୁ ଭୁବନେଶ୍ୱରକୁ ବନ୍ଦେ ଭାରତ ଏକ୍ସପ୍ରେସ୍‌ରେ ଯାତ୍ରା କରିଥିଲେ।

ସୂଚନା ଅନୁସାରେ, ବ୍ରହ୍ମପୁର-ଟାଟାନଗର ଟ୍ରେନ୍‌ଟି ବ୍ରହ୍ମପୁରଠାରୁ ଟାଟାକୁ ମାତ୍ର ୯ ଘଣ୍ଟା ୫ ମିନିଟ୍‌ରେ ଅତିକ୍ରମ କରିବ। ଦୁଇପଟୁ ଟ୍ରେନ୍‌ଟି ବାଲୁଗାଁ, ଖୋର୍ଦ୍ଧା, ଭୁବନେଶ୍ୱର, କଟକ, ଯଖପୁରା, ହରିଚନ୍ଦନପୁର, କେନ୍ଦୁଝରଗଡ଼ ଆଦି ଷ୍ଟେସନରେ ରହଣୀ କରିବ।

ଟିଟିଲାଗଡ଼ ଦେଇ ଯିବାକୁ ଥିବା ଦୁର୍ଗ-ବିଶାଖାପଟନମ୍ ବନ୍ଦେ ଭାରତ ଏକ୍ସପ୍ରେସର ଆସନ୍ତାକାଲି ଶୁଭାରମ୍ଭ ହେବ।

## ପିଏମ୍-ଓଡ଼ିଶା ଗସ୍ତ-ସୁରକ୍ଷା

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆସନ୍ତା ମଙ୍ଗଳବାର ଓଡ଼ିଶା ଗସ୍ତରେ ଆସୁଛନ୍ତି। ଏଥିପାଇଁ ଭୁବନେଶ୍ୱରରେ କଡା ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯାଇଛି। ତେବେ ପ୍ରଧାନମନ୍ତ୍ରୀଙ୍କ ଗସ୍ତ ପୂର୍ବରୁ ଆଜି ଭୁବନେଶ୍ୱର ଜନତା ମୈଦାନରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ସୁରକ୍ଷା ବ୍ୟବସ୍ଥାର ତଦାରଖ କରିଛନ୍ତି। ତାଙ୍କ ସହ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡା, ମୁଖ୍ୟ ଶାସନ ସଚିବ ମନୋଜ ଆହୂଜା, ପୁଲିସ୍ ମହାନିର୍ଦ୍ଦେଶକ ୱାଇ.ବି. ଖୁରାନିଆ ପ୍ରମୁଖ ଉପସ୍ଥିତ ଥିଲେ।

ଏ ସମ୍ପର୍କରେ ପୁଲିସ୍ କମିଶନର ସଞ୍ଜୀବ ପଣ୍ଡା କହିଛନ୍ତି । ପ୍ରଧାନମନ୍ତ୍ରୀଙ୍କ ସୁରକ୍ଷା ପାଇଁ ୮୧ ପ୍ଲାଟୁନ୍ ପୋଲିସ୍ ଫୋର୍ସ୍ ମୁତୟନ ହେବେ । ବିମାନବନ୍ଦରଠାରୁ ଜନତା ମୈଦାନ ଓ ଗାଡକଣ ପର୍ଯ୍ୟନ୍ତ **ନୋ ଫ୍ଲାଇଙ୍ଗ୍ ଜୋନ୍** କରାଯିବ ବୋଲି ସେ କହିଛନ୍ତି....

**- V/O –**

## ସୁଭଦ୍ରା ଯୋଜନା

ରାଜ୍ୟରେ ସୁଭଦ୍ରା ଯୋଜନାକୁ ନେଇ ସଚେତନତା ସୃଷ୍ଟି ଉଦ୍ଦେଶ୍ୟରେ ଆଜି ବିଭିନ୍ନ ସ୍ଥାନରେ ସୁଭଦ୍ରା ସଚେତନତା ପଦଯାତ୍ରା ଅନୁଷ୍ଠିତ ହୋଇଛି । ଭୁବନେଶ୍ୱର ୟୁନିଟ୍-୩ ଗିରିଦୁର୍ଗା ମନ୍ଦିର ନିକଟରୁ ରମାଦେବୀ ବିଶ୍ୱବିଦ୍ୟାଳୟ ଛକ ପର୍ଯ୍ୟନ୍ତ ଆୟୋଜିତ ପଦଯାତ୍ରାରେ ଯୋଗଦେଇ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡା କହିଛନ୍ତି, ସୁଭଦ୍ରା ଯୋଜନାକୁ ନେଇ ମହିଳାମାନଙ୍କ ମନରେ ଉତ୍ସାହ ବଢୁଛି । ଏଥିରେ ମହିଳାମାନେ ସ୍ୱୟଂସମ୍ପୂର୍ଣ୍ଣା ହେବେ । ସେ କହିଛନ୍ତି, ଆସନ୍ତା ମଂଗଳବାର ୧୭ ତାରିଖ ଦିନ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଏହି ଯୋଜନାର ଶୁଭାରମ୍ଭ କରିବେ । ତେବେ ଆଜି ପର୍ଯ୍ୟନ୍ତ ଯେଉଁମାନେ ଆବେଦନ କରିଥିବେ, ସେମାନଙ୍କ ବ୍ୟାଙ୍କ ଆକାଉଣ୍ଟକୁ ମଙ୍ଗଳବାର ସିଧାସଳଖ ସୁଭଦ୍ରା ଯୋଜନାର ପ୍ରଥମ କିସ୍ତି ପଠାଯିବ । ରାଜସ୍ୱ ଗ୍ରାମଗୁଡ଼ିକରେ ୧୦ ହଜାର ସୁଭଦ୍ରା ପଦଯାତ୍ରା ଆୟୋଜିତ ହେଉଛି । ଏବେସୁଦ୍ଧା ଏହି ଯୋଜନା ପାଇଁ ୬୦ ଲକ୍ଷରୁ ଊର୍ଦ୍ଧ୍ୱ ମହିଳା ଆବେଦନ କରିସାରିଛନ୍ତି ବୋଲି ଶ୍ରୀମତୀ ପରିଡା କହିଛନ୍ତି । ଏହି କାର୍ଯ୍ୟକ୍ରମରେ

ଉପମୁଖ୍ୟମନ୍ତ୍ରୀ କନକବର୍ଦ୍ଧନ ସିଂହଦେଓ, ସାଂସଦ ଅପରାଜିତା ଷଡଙ୍ଗୀଙ୍କ ସମେତ ଅନ୍ୟ ମାନ୍ୟଗଣ୍ୟ ବ୍ୟକ୍ତି ଉପସ୍ଥିତ ଥିଲେ।

## ସୁଭଦ୍ରା- ଜିଲ୍ଲା

ରାଜ୍ୟର ବିଭିନ୍ନ ଜିଲ୍ଲାରେ ସୁଭଦ୍ରା ସଚେତନତା ପଦଯାତ୍ରା ଅନୁଷ୍ଠିତ ହୋଇଛି। **ଦେବଗଡ଼** ଜିଲ୍ଲା ମହିଳା ଶିଶୁ ବିକାଶ, ମିଶନଶକ୍ତି ଓ ଜିଲ୍ଲା ପ୍ରଶାସନ ପକ୍ଷରୁ ସୁଭଦ୍ରା ପଦଯାତ୍ରା ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲା ମଙ୍ଗଳ ଅଧିକାରୀଙ୍କ ତତ୍ତ୍ୱାବଧାନରେ ଅତିରିକ୍ତ ଜିଲ୍ଲାପାଳ ଏହି ପଦଯାତ୍ରାର ଶୁଭାରମ୍ଭ କରିଛନ୍ତି। ଏଥିରେ ମିଶନଶକ୍ତି ମହିଳା, ଆଶା ଓ ଅଙ୍ଗନୱାଡି କର୍ମୀମାନେ ସହର ପରିକ୍ରମା କରି ଲୋକମାନଙ୍କୁ ଯୋଜନା ସମ୍ପର୍କରେ ସଚେତନ କରାଇଥିଲେ।

ସେହିପରି, **ସମ୍ବଲପୁର** ଜିଲ୍ଲା ପ୍ରଶାସନ ଓ ମହାନଗର ନିଗମ ପକ୍ଷରୁ ସମ୍ବଲପୁର ମୁନିସିପାଲ୍‌ଟି କାର୍ଯ୍ୟାଳୟଠାରୁ ସୁଭଦ୍ରା ସଚେତନତା ପଦଯାତ୍ରା ବାହାରି ଜିଲ୍ଲାପରିଷଦ କାର୍ଯ୍ୟାଳୟରେ ପହଞ୍ଚିଥିଲା। ଜିଲ୍ଲାପାଳ ସିଦ୍ଧେଶ୍ୱର ବଳିରାମ ବୋନ୍ଦର ଏହାକୁ ଉଦ୍‌ଘାଟନ କରିଥିଲେ। ଶତାଧିକ ମିଶନଶକ୍ତି ମହିଳା ଏବଂ କର୍ମଚାରୀମାନେ ସଚେତନତା ପ୍ଲାକାର୍ଡ ଧରି ସଚେତନତା ବାର୍ତ୍ତା ଦେଇଥିଲେ।

## ଗଣେଶ ବିସର୍ଜନ

**କଟକ** ସହରରେ ଆଜିଠାରୁ ପ୍ରଥମ ପର୍ଯ୍ୟାୟ ଗଣେଶ ମୂର୍ତ୍ତି ଭସାଣି ଆରମ୍ଭ ହୋଇଛି। ଏଥିପାଇଁ ପୁଲିସ୍ ପକ୍ଷରୁ କଡା ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯାଇଛି। ଶାନ୍ତି ଶୃଙ୍ଖଳାର ସହ ଭସାଣିକୁ ଶେଷ କରିବାକୁ ସହରରେ ୧୫

ପ୍ଲାଟୁନ୍ ପୁଲିସ୍ ଫୋର୍ସ ମୁତୟନ ହୋଇଛନ୍ତି। ୪ ଶହରୁ ଊର୍ଦ୍ଧ୍ୱ ଗଣେଶ ମୂର୍ତ୍ତି ଆଜି ବିସର୍ଜନ ହେବାକୁ ଥିବାବେଳେ ସନ୍ଧ୍ୟା ସୁଦ୍ଧା ୫୦ରୁ ଊର୍ଦ୍ଧ୍ୱ ଗଣେଶ ମୂର୍ତ୍ତିଙ୍କୁ ସହରର ବିଭିନ୍ନ ସ୍ଥାନରେ ନିର୍ମାଣ ହୋଇଥିବା ଅସ୍ଥାୟୀ ପୋଖରିରେ ବିସର୍ଜନ କରାଯାଇଛି। ବିସର୍ଜନ ପାଇଁ ସହରର ପୁରୀଘାଟ, ଚହଟା, ଯୋବ୍ରା, ନୂଆବଜାର, ନୂଆପଡା, ବାଲିସାହି ଓ କାର୍ତ୍ତିକେଶ୍ୱର ଗଡା ପାଖରେ ୧୦ଟି ଅସ୍ଥାୟୀ ପୋଖରି ଖୋଳାଯାଇଛି। ଅଗ୍ନିଶମ ଓ ଓଡ୍ରାଫ ଦଳ ସହ ପୁଲିସ୍ ଫୋର୍ସ ଏହି ଅସ୍ଥାୟୀ ପୋଖାରିଗୁଡ଼ିକ ପାଖରେ ମୁତୟନ ହୋଇଛନ୍ତି। ଭସାଣିରେ ଡିଜେ ବାଜିବା ଉପରେ କଟକଣା ଜାରି କରାଯାଇଛି। ଆସନ୍ତା ୨୨ ତାରିଖ ରବିବାର ଦ୍ୱିତୀୟ ପର୍ଯ୍ୟାୟ ଭସାଣି ଉତ୍ସବ ଅନୁଷ୍ଠିତ ହେବ ବୋଲି ସୂଚନା ମିଳିଛି।

## ବାମନ ଜନ୍ମ

**ପୁରୀ** ଶ୍ରୀମନ୍ଦିରରେ ଆଜି ଭାଦ୍ରବ ଶୁକ୍ଳ ଦ୍ୱାଦଶୀ ତିଥିରେ ବାମନ ଜନ୍ମ ନୀତି ଅନୁଷ୍ଠିତ ହେଉଛି। ମଧ୍ୟାହ୍ନ ଧୂପ ଶେଷ ହେବା ପରେ ଏହି ସ୍ୱତନ୍ତ୍ର ନୀତି ପାଇଁ ସର୍ବସାଧାରଣଙ୍କ ଦର୍ଶନ ସନ୍ଧ୍ୟା ୬.୩୦ ରୁ ରାତି ୯ଟା ୩୦ ମିନିଟ୍ ପର୍ଯ୍ୟନ୍ତ ବନ୍ଦ ରହିଛି ବୋଲି ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ସୂଚନା ମିଳିଛି।

## ସୁନିଆଁ

ପବିତ୍ର ସୁନିଆଁ ପର୍ବ ଅବସରରେ **ପୁରୀ** ଗଜପତି ମହାରାଜ ଶ୍ରୀଦିବ୍ୟସିଂହ ଦେବଙ୍କ ୬୮ଅଙ୍କ ଆଜିଠାରୁ ଆରମ୍ଭ ହେଉଛି। ଭାଦ୍ରବ ଶୁକ୍ଳ ଦ୍ୱାଦଶୀ ତିଥିରେ ସୁନିଆଁ ପର୍ବଦିନ ଗଜପତିଙ୍କ ନୂତନ ଅଙ୍କ ପ୍ରଚଳନର ବିଧି

ରହିଛି । ଏଥିସହ ଆଜିଠାରୁ  ଗଜପତିଙ୍କ ନବବର୍ଷ ଆରମ୍ଭ ହେଉଛି । ପରମ୍ପରା ଅନୁସାରେ, ୧୬ ଶାସନର ବ୍ରାହ୍ମଣମାନେ ଶ୍ରୀନଅର ଆସି ଗଜପତିଙ୍କୁ ନଡିଆ ଓ ପଇତା ଭେଟି ଦେଇ ଆର୍ଶୀର୍ବାଦ କରିଥାନ୍ତି। କରଣ ସାମନ୍ତମାନେ ମଧ୍ଯ ଗଜପତି ମହାରାଜଙ୍କୁ ଭେଟି ଦେଇଥାନ୍ତି। ସୂଚନା ଅନୁସାରେ, ଶ୍ରୀନଅରରେ ଏକ ବିଶେଷ ଉତ୍ସବରେ ସ୍ୱତନ୍ତ୍ର ସ୍ୱର୍ଣ୍ଣମୁଦ୍ରାରେ ଗଜପତି ମହାରାଜାଙ୍କ ନୂତନ ଅଙ୍କ କଟାଯାଇ ନବବର୍ଷର ଶୁଭାରମ୍ଭ ହେବ।

# ମୁଖ୍ୟମନ୍ତ୍ରୀ– ବିକାଶ ମେଳା

ରାଜ୍ୟର ବିଭିନ୍ନ ସ୍ଥାନରେ ଆସନ୍ତା ୧୯ରୁ ୨୨ ତାରିଖ ଯାଏଁ ବିକାଶ ମେଳା ଆୟୋଜନ ହେବ । ଏଥିରେ  ବିଭିନ୍ନ ବିଭାଗର ପ୍ରାୟ ୫୦ଟି ଷ୍ଟଲ ପଡ଼ିବ। ସୂଚନା ଅନୁସାରେ, ସରକାରଙ୍କର ବିଭିନ୍ନ କଲ୍ୟାଣକାରୀ ଯୋଜନା ସହ ୧୦୦ ଦିନର ବିଭାଗୀୟ କାର୍ଯ୍ୟକଳାପ ଏବଂ ସଫଳତା ବିଷୟରେ ଏହି ମେଳା ମାଧ୍ୟମରେ ପ୍ରଚାର ପ୍ରସାର କରାଯିବ ।

# ପଞ୍ଚଶଖା ଶିକ୍ଷାସେତୁ ଅଭିଯାନ

"ମୋ' ସ୍କୁଲ ଅଭିଯାନ"ର ନାମ ପରିବର୍ତ୍ତନ କରାଯାଇ "ପଞ୍ଚଶଖା ଶିକ୍ଷାସେତୁ" ଅଭିଯାନ ରଖାଯାଇଛି। ପୂର୍ବରୁ ଜୁଲାଇ ୨୫ରେ ବଜେଟ୍ ଅଧିବେଶନରେ ଏ ନେଇ ସୂଚନା ଦିଆଯାଇଥିଲା।

## ହୀରାକୁଦ ଜଳସ୍ତର

ଉପରମୁଣ୍ଡରେ ବର୍ଷାର ପରିମାଣ ହ୍ରାସ ପାଇବା ଫଳରେ ହୀରାକୁଦ ଜଳଭଣ୍ଡାରର ଆଉ ୪ଟି ଗେଟ୍‌କୁ ବନ୍ଦ କରିଦିଆଯାଇଛି। ଫଳରେ

ଜଳଭଣ୍ଡାରରୁ ୬ଟି ସ୍ଲୁଇସ୍ ଗେଟ୍ ଦେଇ ମହାନଦୀକୁ ବନ୍ୟାଜଳ ନିଷ୍କାସନ ହେଉଛି। ଅପରାହ୍ଣ ୩ଟା ସୁଦ୍ଧା ଜଳଭଣ୍ଡାରର ୧୦ଟି ସ୍ଲୁଇସ୍ ଗେଟ୍ ଦେଇ ବନ୍ୟାଜଳ ନିଷ୍କାସନ କରାଯାଉଥିଲା। ପରବର୍ତ୍ତୀ ସମୟରେ ୪ଟି ଗେଟ୍‌କୁ ବନ୍ଦ କରାଯାଇଥିଲା। ବର୍ତ୍ତମାନ ଜଳଭଣ୍ଡାରର ବାମପାର୍ଶ୍ୱ ଡାଇକ୍‌ର ୪ଟି ଏବଂ ଡାହାଣପାର୍ଶ୍ୱ ଡାଇକ୍‌ର ୨ଟି ସ୍ଲୁଇସ୍ ଗେଟ୍ ଖୋଲାଯାଇ ଜଳ ନିଷ୍କାସନ କରାଯାଉଛି ବୋଲି ବିଭାଗୀୟ ସର୍ବୋଚ୍ଚ ଯନ୍ତ୍ରୀ କହିଛନ୍ତି। ବର୍ତ୍ତମାନ ହୀରାକୁଦ ଜଳଭଣ୍ଡାରର ଜଳସ୍ତର ୬୨୮ ଦଶମିକ ୧୨ ଫୁଟ ରହିଛି। ଜଳଭଣ୍ଡାରକୁ ୨ ଲକ୍ଷ ୪ ହଜାର ୫୨୭ କ୍ୟୁସେକ ଜଳ ପ୍ରବେଶ କରୁଥିବାବେଳେ ସମ ପରିମାଣର ଜଳ ନିଷ୍କାସନ କରାଯାଉଛି।

## ପାଣିପାଗ

ବାଂଲାଦେଶ ଓ ତତ୍‌ସଂଲଗ୍ନ ଗାଙ୍ଗେୟ ପଶ୍ଚିମବଙ୍ଗରେ ସୃଷ୍ଟି ହୋଇଥିବା ଗଭୀର ଅବପାତ ଦୁର୍ବଳ ହେଉଛି। ଏହା ଆଗାମୀ ୪୮ ଘଣ୍ଟା ମଧ୍ୟରେ ଅବପାତରେ ପରିଣତ ହୋଇ ଝାଡ଼ଖଣ୍ଡ ଓ ଉତ୍ତର ଛତିଶଗଡ଼ ଦେଇ ଗତି କରିବ ବୋଲି ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ପକ୍ଷରୁ କୁହାଯାଇଛି। ଏହାର ପ୍ରଭାବରେ ରାଜ୍ୟର ବିଭିନ୍ନ ସ୍ଥାନରେ ବର୍ଷା ଲାଗି ରହିଛି। ଆସନ୍ତା ୨୪ ଘଣ୍ଟା ମଧ୍ୟରେ ମୟୂରଭଞ୍ଜ ଜିଲ୍ଲାରେ ଅତିଭୀଷଣ ବର୍ଷା ହେବାର ସମ୍ଭାବନା ଥିବାରୁ ରେଡ୍ ୱାର୍ଣ୍ଣିଂ ଜାରି କରାଯାଇଛି। ସେହିଭଳି କେନ୍ଦୁଝର, ବାଲେଶ୍ୱର ଓ ସୁନ୍ଦରଗଡ଼ ଜିଲ୍ଲାରେ ଅତିପ୍ରବଳ ବର୍ଷା ହେବାର ସମ୍ଭାବନା ରହିଛି। ପାଣିପାଗ କେନ୍ଦ୍ରର ସୂଚନା

ଅନୁସାରେ ୧୧ଟି ଜିଲ୍ଲାରେ ପ୍ରବଳ ବର୍ଷା ହେବାର ସମ୍ଭାବନା ଥିବାରୁ ସତର୍କ ସୂଚନା ଜାରି କରାଯାଇଛି ।

*********************************